ଶନିବାର, ୩ ସେପ୍ଟେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

(ଶିକ୍ଷକ–ରାଜୁ ମଧ୍ୟରେ କଥାବାର୍ତ୍ତା)

**ଶିକ୍ଷକ :** ଆଚ୍ଛା ରାଜୁ! କହିଲୁ, ତୁ ଏମିତି କେଉଁ କାମ କରିନୁ ଯାହା ପାଇଁ ଦଣ୍ଡ ମିଳିବ ନାହିଁ।

**ରାଜୁ:** ସାର୍, ଏହାର ଉତ୍ତର ଅତି ସହଜ। ଆଜି ମୁଁ ହୋମ୍‌ୱର୍କ କରିନି।

**ବାପା:** ଦୀପୁ, ନେ ଦୁଇ ହଜାର ଟଙ୍କା।

**ଦୀପୁ:** ବାପା, କ'ଣ ପାଇଁ ଆପଣ ମୋତେ ଦୁଇ ହଜାର ଟଙ୍କା ଦେଲେ ?

**ବାପା:** ଦୀପୁ, ଏଇଟା ତୋ ପରିଶ୍ରମର ଫଳ। କାରଣ ଯେବେଠୁ ତୁ ହ୍ୱାଟ୍ସଆପ୍ ବ୍ୟବହାର କଲୁଣି, ସେବେଠୁ ମୁଁ ସିକ୍ୟୁରିଟି ରଖିନି।

ପପୁ ରୁଟି ଛିଣ୍ଡାଇ ଖଣ୍ଡେ ଖଣ୍ଡେ ଖାଉଥିଲା ଆଉ ପାଖରେ ଥିବା କୁକୁଡ଼ାକୁ ଖୁଆଉଥିଲା। ଏହା ଦେଖି ବାପା ପଚାରିଲେ– କ'ଣ କରୁଛୁ ?

ପପୁ: ବାପା, ମୁଁ ଚିକେନ୍ ସହ ରୁଟି ଖାଉଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜୋଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗକରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଗୁରୁ ଦିବସରେ ରିମାର ଉପହାର

**ଗପ**

ରିମା ଓ ରିଙ୍ଗା ଘର ଆଗରେ ଖେଳୁଥାନ୍ତି। ସେଇ ବାଟ ଦେଇ ରିମାର ଟ୍ୟୁଶନ ସାର୍ ଯାଉଥାନ୍ତି। ଦୁଇ ଭଉଣୀ ସାର୍‌ଙ୍କୁ ନମସ୍କାର କଲେ। ସାର୍ କହିଲେ–କ'ଣ ଘର ଭିତରକୁ ଡାକିବନି ?

ରିଙ୍ଗା କୋମଳ କଣ୍ଠରେ ଥମେଇ ଥମେଇ କହିଲା– ଆସନ୍ତୁ–ଆସନ୍ତୁ ସାର ! ରିମା ରିଙ୍ଗା ଦୁହେଁ କବାଟ ଖୋଲି ସାର୍‌ଙ୍କୁ ଘର ଭିତରକୁ ପାଛୋଟି ନେଲେ। ଦୁହିଙ୍କ ମା' ଓ ଜେଜିମା' ଆସି ସାର୍‌ଙ୍କ ପାଖରେ ବସି ରିମା କେମିତି ପାଠ ପଢୁଛି ବୋଲି ପଚାରି ବସିଲେ। ଏଣେ ରିମାର ହୃଦୟ ଥରି ଉଠୁଥାଏ। ଅନ୍‌ଲାଇନ କ୍ଲାସ୍ ମନ ଲଗାଇ ଆଟେଣ୍ଡ କରୁନି। କ୍ଲାସ୍ ଚାଲିଥିବାବେଳେ କ୍ୟାମେରା ଅଫ୍ କରି ମୋବାଇଲରେ ଗେମ୍ ଖେଳୁଛି।

ସାର୍ କହିଲେ– ରିମା ତ ଭଲ ପଢୁଛି। ପୂର୍ବରୁ ଯେବେ ସ୍କୁଲ ଖୋଲାଥିଲା ସବୁ ପ୍ରଶ୍ନର ଉତ୍ତର ଯଥାଶୀଘ୍ର କରି ଦେଉଥିଲା, କିନ୍ତୁ ଏବେ ଟିକେ ଲେଟ୍ କରୁଛି। ପ୍ରତିଦିନ ଅନ୍‌ଲାଇନ କ୍ଲାସ୍ ତ ଆଟେଣ୍ଡ କରୁଛି, କିନ୍ତୁ କ୍ୟାମେରା ଅଫ୍‌କରି ରଖୁଛି। ସାଙ୍ଗେ ସାଙ୍ଗେ ସାର୍ କଥାର ମୋଡ଼ ବଦଳାଇ କହିଲେ– ଆଜିକାଲି ପିଲାମାନେ ସକାଳର ନିତ୍ୟକର୍ମ ନ ସାରି କ୍ଲାସ୍‌ରେ ବସି ଯାଉଛନ୍ତି। ସେଥିପାଇଁ କ୍ୟାମେରା ଅଫ୍ କରି ଦେଉଛନ୍ତି।

ଜେଜିମା' ଗର୍ବରେ ରିମାକୁ ଚାହିଁ କହିଲେ–ନା–ନା ରିମା ତ ସକାଳ ୬ଟା ବେଳକୁ ନିତ୍ୟକର୍ମ ସାରିଦେଉଛି। ରିମା ପୂରା ଚୁପ୍ ଥାଏ। ଭୟରେ ଭାବୁଥାଏ କାଳେ ସାର୍ ଯଦି କିଛି ପ୍ରଶ୍ନ ପଚାରିଦେବେ ସବୁ ଅଡୁଆ ହୋଇଯିବ। ଠିକ୍ ସେଇବେଳେ ରିମା ଓ ରିଙ୍ଗାର ବାପା ପହଞ୍ଚିଗଲେ। ସାର୍‌ଙ୍କୁ ନମସ୍କାର କରି ରିମାର ପଢ଼ାପଢ଼ି ବିଷୟରେ ପଚାରିଲେ। ସାର୍ କହିଲେ–ସେ ଭଲ ପଢୁଛି। ଆଉ ଟିକେ ପରିଶ୍ରମ କଲେ ନିଶ୍ଚୟ ଫାଷ୍ଟ ଡିଭିଜନ ପାଇବ। ସାର୍‌ଙ୍କ ମୁହଁରୁ ଅଭିଯୋଗ ବଦଳରେ ଭଲ କଥା ଶୁଣି ରିମା ପ୍ରାଣରେ ଜୀବନ ପଶିଲା। ଆଉ ଅଳ୍ପ କିଛି କଥାବାର୍ତ୍ତା କରି ସାର୍ ଚାଲିଗଲେ। ତା'ପରଦିନ ସାର୍ ଯେତେବେଳେ ଅନ୍‌ଲାଇନରେ ପଢ଼େଇବା ଆରମ୍ଭକଲେ ରିମା କ୍ୟାମେରା ଅନ୍ ରଖି ସବୁ ପାଠ ମନ ଲଗେଇ ପଢ଼ିଲା। ଗୁରୁ ଦିବସରେ ରିମା ସାର୍‌ଙ୍କ ନିମନ୍ତେ ଗୋଟେ ପେନ୍ ଉପହାର ନେଇ ତାଙ୍କ ଘରକୁ ଗଲା। ସାର୍ ତାକୁ ଦେଖି କହିଲେ– ଆଜିର ଏ ଗୁରୁ ଦିବସରେ ତୋର ସବୁଠୁ ବଡ଼ ଉପହାର ହେଉଛି ତୁ ଭୁଲ୍ ବୁଝିପାରି ନିଜକୁ ସୁଧାରି ନେଇଛୁ। ପିଲାମାନେ ଶିକ୍ଷକଙ୍କ ଦ୍ୱାରା ଦିଆହେଉଥିବା ଜ୍ଞାନକୁ ଆତ୍ମସ୍ଥ କରିପାରିଲେ ତା'ଠାରୁ ବଡ଼ ଉପହାର ଆଉ କିଛି ନ ଥାଏ। ଶିକ୍ଷକ ପିଲାମାନଙ୍କୁ ପଢ଼େଇବା ଲାଗି ଅନେକ ପରିଶ୍ରମ କରନ୍ତି। ପିଲାମାନେ ମଧ୍ୟ ଶିକ୍ଷକଙ୍କର ପରିଶ୍ରମକୁ ବୁଝି ମନଲଗାଇ ପଢ଼ିଲେ ନିଶ୍ଚୟ ଦିନେ ଜ୍ଞାନୀଜନରେ ଗଣାହେବେ। ରିମା ସାର୍‌ଙ୍କୁ କ୍ଷମା ମାଗି କହିଲା– ମୋତେ କ୍ଷମା କରନ୍ତୁ ସାର୍ ଆଉ ଏଭଳି ଭୁଲ୍ ହେବନି।



**–ସୁଧାଂଶୁ ଶେଖର ଦ୍ୱିବେଦୀ**
*ବିସି–୭୪, ସଲ୍ଟ ଲେକ୍, କୋଲକାତା*
*ମୋ: ୯୬୮୧୩୭୩୫୧୨*

# ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ସହନଶୀଳତା..

ଭାରତର ରାଷ୍ଟ୍ରପତି ହେବା ସହିତ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବହୁ ବଡ଼ ବିଦ୍ୱାନ୍ ଥିଲେ । ତାଙ୍କ ଜୀବନରେ କ୍ଷମତା ଆଉ ଶାଳୀନତାର ଥିଲା ଉତ୍ତମ ସମନ୍ୱୟ। ଦିନକର କଥା ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ଜଣେ ଇଂରେଜ ବିଦ୍ୱାନ୍ ନିଜ ଘରକୁ ଆତିଥ୍ୟ ସ୍ୱୀକାର କରିବା ପାଇଁ ନିମନ୍ତ୍ରଣ କଲେ। ଏମିତିରେ ସେହି ଇଂରେଜ ବିଦ୍ୱାନ୍ ଜଣକ ବହୁ ପ୍ରଭାବିତ ହୋଇଥିଲେ ଭାରତୀୟ ଜୀବନ ଦର୍ଶନରେ ଆଉ ତା' ସହିତ ତାଙ୍କ ମନରେ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତି ଗଭୀର ଆଦର ମଧ୍ୟ ଥିଲା । ତଥାପି ତାଙ୍କ ମନରେ ଇଂରେଜ ହେବାର ଥିଲା ଅଭିମାନ। ସେ ନିଜର ସଂସ୍କୃତି ଆଉ ଜ୍ଞାନକୁ ହିଁ ଉଚ୍ଚ ଭାବୁଥିଲେ। ଇଂରେଜମାନଙ୍କର ସୌନ୍ଦର୍ଯ୍ୟକୁ ସେ ଏଇ ଦୁନିଆରେ ଅଦ୍ୱିତୀୟ ବୋଲି ଭାବୁଥିଲେ ।

ଡ. ରାଧାକ୍ରିଷ୍ଣନ୍ ଯେତେବେଳେ ତାଙ୍କ ଘରେ ପହଞ୍ଚିଲେ ସେତେବେଳେ ସେ ସ୍ୱାଗତ ସତ୍କାର କରିସାରିଲା ପରେ କହିଲେ, ''ଡ. ରାଧାକ୍ରିଷ୍ଣନ୍! ଭଗବାନଙ୍କର ବିଶେଷ କୃପା ଅଛି ଆମ ଇଂରେଜଙ୍କ ଉପରେ। ଆପଣମାନଙ୍କ ଉପରେ ଅର୍ଥାତ୍ ଭାରତୀୟ ମାନଙ୍କ ଉପରେ ଭଗବାନଙ୍କର ବିଶେଷ କୃପା କାହିଁକି ନାହିଁ ସେ ବିଷୟରେ କହିପାରିବେ ?''



ତାଙ୍କ କଥା ଶୁଣି ଡ. ରାଧାକ୍ରିଷ୍ଣନ୍ ବହୁତ ଶାଳୀନତାର ସହ ସେହି ଥଟ୍ଟାର ବହୁତ ଗଭୀର ଅର୍ଥ ଥିବା ଉତ୍ତର ଦେଇ କହିଲେ,''ସୃଷ୍ଟିର ନିର୍ମାଣ କଲା ବେଳେ ଭଗବାନ ରୋଷେଇ କରୁଥିଲେ । ଯେଉଁ ରୁଟିଗୁଡ଼ାକ କଞ୍ଚା ରହିଗଲା,ସେମାନଙ୍କ ପରି ଆପଣ ସବୁ ଇଂରେଜ ମାନେ ହୋଇଛନ୍ତି । ଯେଉଁ ରୁଟି ସବୁ ଅଧିକ ସେକିବା ଦ୍ୱାରା ଜଳିଗଲା, ନିଗ୍ରୋମାନେ ସେହି ରୁଟିଙ୍କ ପରି ହୋଇଗଲେ ଆଉ ଯେଉଁ ରୁଟିଗୁଡ଼ିକ ଠିକ୍‌ରେ ସେକା ହୋଇଥିଲା, ସେମାନଙ୍କ ପରି ଆମେ ଭାରତୀୟମାନେ ହେଇଛୁ ।'' ଇଂରେଜ ବିଦ୍ୱାନ ଜଣକ ଡ. ରାଧାକ୍ରିଷ୍ଣନ୍‌ଙ୍କ ଉତ୍ତରରେ ବହୁତ ପ୍ରଭାବିତ ହେଲେ। ତାଙ୍କ ରୁଟି ଉଦାହରଣ ଦ୍ୱାରା ଯେଉଁ ପରିପକ୍ୱତାର ସଙ୍କେତ ଦେଲେ ତାହା କେବଳ ସହନଶୀଳତା ଆଉ ବ୍ୟବହାର କୁଶଳତାର ସମ୍ପନ୍ନତା ଦ୍ୱାରା ହିଁ ସମ୍ଭବ । ଏହା ଦ୍ୱାରା କ୍ଷମତା ଆଉ ଶାଳୀନତା ଭିତରେ ସନ୍ତୁଳନ ରକ୍ଷା କରିବା ସହଜ ହୋଇଯାଏ । ଏପରି ବ୍ୟକ୍ତି ଅସାମାନ୍ୟ ପ୍ରସଙ୍ଗକୁ ମଧ୍ୟ ସମଭାବରେ ଗ୍ରହଣକରି ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରନ୍ତି । ଡ. ରାଧାକୃଷ୍ଣନ ମଧ୍ୟ ଏହି ପ୍ରସଙ୍ଗରେ ନିଜର ସହନଶୀଳତା ଆଉ ସମତାରେ ସେହି ଇଂରେଜଙ୍କୁ ଅଭିଭୂତ କରି ଦେଇଥିଲେ।

**–ମନୋଜ କୁମାର ବେହେରା**
ୟୁନିଟ୍–୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

# ମତାମତ

❖ ଶିଶୁ ପ୍ରତିଭା ସ୍ତମ୍ଭରେ ନୃତ୍ୟଶିଳ୍ପୀ ପ୍ରାଦନ୍ୟାଙ୍କ ବିଷୟଟି ମନକୁ ଛୁଇଁଗଲା।

**–ଅସୀମା ଧଳ,** ଖାନନଗର, କଟକ

❖ ତୁମ ତୂଳୀରୁ ସ୍ତମ୍ଭରେ ପ୍ରକାଶ ପାଇଥିବା ଗଣେଶପୂଜା ସମ୍ପର୍କିତ ସମସ୍ତ ଚିତ୍ର ଆକର୍ଷଣୀୟ ହୋଇଥିଲା।

**–ସୁବ୍ରତ ପ୍ରିୟଦର୍ଶୀ,** ମାଷ୍ଟ୍ରପଡ଼ା, ଫୁଲବାଣୀ

❖ ଜଣା ଅଜଣା ପୃଷ୍ଠାଟି ପାଠକମାନଙ୍କ ପାଇଁ ଶିକ୍ଷଣୀୟ ଓ ଉପଯୋଗୀ ହୋଇପାରିଛି।

**–ନନ୍ଦିନୀ ମହାପାତ୍ର,** କାକୁଡ଼ିଆ, ଜଟଣୀ

❖ ପିଲାଙ୍କ ଧରିତ୍ରୀରେ ଆଉ ୨ ପୃଷ୍ଠା ବୃଦ୍ଧି କରିବା ସହ ପିଲାଙ୍କ ପାଇଁ ସାଧାରଣ ଜ୍ଞାନ, ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପାଠ ପ୍ରକାଶ କରିବାକୁ ଅନୁରୋଧ।

**–ରବୀନ୍ଦ୍ର ଚାନ୍ଦ,** ଆନନ୍ଦପୁର, କେନ୍ଦୁଝର

## ଗତ ଥରର ରଙ୍ଗ ଦିଅ



ବେଦାନ୍ସି ପଟ୍ଟନାୟକ
କ୍ଲାସ୍–୬
କେନ୍ଦ୍ରୀୟ ବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ



ଗୁର ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବୋ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ
ତସ୍ମୈ ଶ୍ରୀ ଗୁରୁବେ ନମଃ।



# ଗୁରୁବେ ନମଃ...

ଜୀବନର ପ୍ରତ୍ୟେକ ପାହାଚ ଚଢିବାବେଳେ ଜଣେ ଗୁରୁଙ୍କ ମାର୍ଗଦର୍ଶନ ନିହାତି ଆବଶ୍ୟକ। ଅବୋଧ ମନରେ ଜାଗି ଉଠୁଥିବା ଅସୀମ ପ୍ରଶ୍ନର ସେ ହିଁ ଉତ୍ତର ଦେଇ ପାରନ୍ତି। ଚିକିଟା ମାଟିରୁ ଅତି ସୁନ୍ଦର ଭାବେ କଳସୀଟିଏ ଗଢିବା ଭଳି ମଣିଷ ଭିତରେ ଆମକୁ ଭଲ ମଣିଷ କରିବା ଲାଗି ସେ ଅହରହ ସମର୍ପିତ କରିଛନ୍ତି ତାଙ୍କର ପ୍ରତିଟି କ୍ଷଣକୁ। ସେଥିପାଇଁ ସେ ଦେବ ତୁଲ୍ୟ। ଶିକ୍ଷା ସୋପାନରେ ହେଉ କି ଜୀବନର ବିଷମ ପରିସ୍ଥିତିରେ ଆମକୁ ହାତଧରି ବାଟ କଢାଇ ପରିସ୍ଥିତିର ସମ୍ମୁଖୀନ ହେବାର କଳା ସେ ହିଁ ଶିଖାଇଥାନ୍ତି। ସେଥିପାଇଁ ସେ ଗୁରୁ। ଏଇ ଯେମିତି ପ୍ରଥମ ଗୁରୁ ମାଆ, ପରେ ଶିକ୍ଷକ ଏବଂ ଧୀରେ ଧୀରେ ପ୍ରତିଟି ପର୍ଯ୍ୟାୟରେ ଜଣ ଜଣଙ୍କୁ ଆମେ ଗୁରୁ ରୂପେ ମାନିଥାଉ। ଆଜି ସେହି ପ୍ରତିଟି ଗୁରୁମାନଙ୍କର ଦିନ। ତେବେ ଗୁରୁ କିପରି ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି ସେ ସମ୍ପର୍କରେ କେତେଜଣ ବିଦ୍ୟାର୍ଥୀ ଯାହା କୁହନ୍ତି...

## ପ୍ରତିଟି କାର୍ଯ୍ୟରେ ପ୍ରେରଣା ଯୋଗାନ୍ତି



ଗୁରୁଙ୍କ ମାଡଗାଳି ଓ ସ୍ନେହ ଭବିଷ୍ୟତରେ ଛାତ୍ରକୁ ସଫଳ ମଣିଷ ଭାବେ ଗଢି ତୋଳେ। ସମାଜରେ ସେ ଗର୍ବର ସହ ମୁଣ୍ଡ ଟେକି ଠିଆ ହୋଇପାରେ। ଏଥିପାଇଁ ମୋ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ କୃତଜ୍ଞତା ଜଣାଉଛି। ଖାସ୍ କରି ମୋ ବିଜୟ ସାର୍‌ଙ୍କୁ। ପ୍ରତିଟି କାର୍ଯ୍ୟ ପାଇଁ ସେ ମୋତେ ପ୍ରେରଣା ଯୋଗାଇ ଆସିଛନ୍ତି। ଜୀବନ ଯାକ ତାଙ୍କ ପାଖରେ ମୁଁ ଋଣି ହୋଇ ରହିବି। ପ୍ରତିଟି ଭୂଲ୍‌ରେ ସେ ତାଗିଦ୍ କରି ଆସିଛନ୍ତି।

**–ମନସ୍ୱିନୀ ମହାପାତ୍ର,** କ୍ଲାସ୍–୬, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ, ପୁରୀ

## ଗୁରୁଙ୍କ କଡା ଅନୁଶାସନ ପାଇଁ ପରିବର୍ତ୍ତନ

ଅନ୍ଧାର ଘରେ ଦୀପଶିଖା ହିଁ ଗୁରୁ। ପାଠ ପଢାରେ ମୁଁ ବହୁତ ଦୁର୍ବଳ। ଅଙ୍କ ମୋର ଜମା ବି ହୁଏନି। ଏଥିପାଇଁ ସ୍କୁଲ୍ ଓ ଟ୍ୟୁସନ୍‌ରେ ଶିକ୍ଷକଙ୍କ ଠାରୁ ହେଉ କି ଘରେ ବାପାଙ୍କ ଠାରୁ ବହୁତ ଗାଳି ଶୁଣେ। ଥରେ ଆମ ସ୍କୁଲକୁ ଜଣେ ନୂଆ ଗଣିତ ଶିକ୍ଷକ(ଅବିନାଶ ସାର୍) ବଦଳି ହୋଇ ଆସିଲେ। ମୁଁ ତାଙ୍କ କ୍ଲାସ୍‌ରେ ଡରି ସବୁବେଳେ ପଛରେ ବସି ରହେ। ଦିନେ ସାର୍ ମୋତେ କଳାପଟାରେ ଅଙ୍କ କରିବାକୁ କହିବାରୁ ମୋତେ ଆସିଲାନି। ହେଲେ ସେଥିପାଇଁ ସାର୍ ରାଗିବା ବଦଳରେ ବୁଝେଇବା ଆରମ୍ଭ କଲେ। ମୋତେ ପ୍ରତିଦିନ ୧୦ଖଣ୍ଡ ଅଙ୍କ ଭୂଲ ହେଉ ପଛେ କରିକି ଆଣିବାକୁ କହିଲେ। ପ୍ରତିଦିନ ଏମିତି ଧୀରେ ଧୀରେ ଅଭ୍ୟାସ ଯୋଗୁଁ ମୋର ଅଙ୍କ ଭଲ ହେବାକୁ ଲାଗିଲା। ବର୍ତ୍ତମାନ ମୁଁ କ୍ଲାସ୍‌ରେ ଗଣିତରେ ପ୍ରଥମ ହୋଇଛି। ଏଥିପାଇଁ ମୋ ସାର୍‌ଙ୍କୁ ହିଁ ଶ୍ରେୟ ଦେବି। ତାଙ୍କର କଡା ଅନୁଶାସନ ଯୋଗୁଁ ଆଜି ମୋର ପରିବର୍ତ୍ତନ।

**–ପ୍ରେମପତିତ ସିଂ,** କ୍ଲାସ୍–୧୦, ଶ୍ରୀ ସତ୍ୟ ସାଇ ସ୍କୁଲ୍, କଟକ



## ଆଶୀର୍ବାଦ ଲୋଡା

ଗୁରୁ ସଦାକାଳ ଚିର ନମସ୍ୟ। ମାଆବାପାଙ୍କ ପରେ ଗୁରୁ ହିଁ ଆଗକୁ ଚାଲିବାର ବାଟ ଦେଖାଇଥାନ୍ତି। ପିଲାଟି ବେଳୁ ମୋର ଗୀତ ଗାଇବାରେ ରୁଚ ରହିଛି। ବାପା ଗୋଟିଏ ସଙ୍ଗୀତ ସ୍କୁଲରେ ମୋର ନାମ ଲେଖାଇଲେ। ପରେ ମହେଶ ସାର୍‌ଙ୍କ ତତ୍ତ୍ୱାବଧନରେ ଅନେକ ପୋଗ୍ରାମ୍ ଏବଂ ଫଙ୍କସନ୍‌ରେ ଭାଗ ନେଲି। ସାର୍‌ଙ୍କୁ ନିମନ୍ତ୍ରଣ କରାଯାଇଥିବା ଏକାଧିକ କାର୍ଯ୍ୟକ୍ରମରେ ମୋତେ ନେବା ସହ ଗାଇବାର ସୁଯୋଗ ଦିଅନ୍ତି। ବହୁ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୋଇଛି। ସାର୍‌ଙ୍କ ଆଶିଷ ବିନା ଏସବୁ ଅସମ୍ଭବ। ଏଥର ଗୁରୁ ଦିବସରେ ସଙ୍ଗୀତ ସ୍କୁଲ୍‌ରେ ସମସ୍ତେ ମିଶି ସାର୍‌ଙ୍କୁ ପୂଜା କରିବା ସହ ତାଙ୍କର ଆଶୀର୍ବାଦ ଲୋଡିବୁ।



**–ତନୁଶ୍ରୀ ସାହୁ,** କ୍ଲାସ୍–୮, ଏମ୍ ଏଲ୍ ଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲଖପାଟଣା, ଯାଜପୁର




## ମୋ ପଥପ୍ରଦର୍ଶକ ଗୁରୁ


ଜୀବନରେ ପଥପ୍ରଦର୍ଶକ ଭାବେ ଗୁରୁଙ୍କୁ ବୁଝାଯାଏ। କେବଳ ପାଠର ସବୁ ପ୍ରଶ୍ନର ସମାଧାନ ନୁହେଁ ବରଂ ବିଦ୍ୟାର୍ଥୀ ଜୀବନରେ ବି ବିଭିନ୍ନ ସମସ୍ୟାର ସେ ସମାଧାନର ବାଟ ଶିଖାନ୍ତି। ଅଜ୍ଞାନ ରାସ୍ତାରେ ବାଟ ହୁଡିଥିବା ପଥିକ ପାଇଁ ସେ ଜ୍ଞାନର ଦୀପଶିଖା ଜଳାନ୍ତି। ଜଟିଳ ସମସ୍ୟାକୁ ଯିଏ ସରଳ କରିପାରନ୍ତି ସେ ହେଲେ ଗୁରୁ। ମୋ ଶିକ୍ଷକ ରବିନ୍ଦ୍ର ସାର୍ ସେହିଭଳି ଜଣେ ଚିନ୍ତାଧାରାର ମଣିଷ। ସେ କହୁଥିବା ପ୍ରତିଟି କଥାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରେ। ପାଠରେ ହେଉ ଅବା ସାଠରେ ସେ ସବୁଥିରେ ପ୍ରେରଣା ଦେଇ ଆସିଛନ୍ତି। ତାଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ରହିଥାଉ।

**–ଇନ୍ଦୁମତୀ ନାଥ,** କ୍ଲାସ୍–୧୦,
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭଦ୍ରକ






୧




୨




୩



୪




୫



୬



୭



୮



୯



ଦେବାଂଶୁ ଆଚାର୍ଯ୍ୟ
କ୍ଲାସ- ୩, ବିବିଆଇଟି
ପବ୍ଲିକ ସ୍କୁଲ, ବୁଗିବୁଗି,
କୋଲକାତା

୧



ଆଦ୍ୟା ଅନ୍ତ୍ରିନା ଦାସ
କ୍ଲାସ- ୫, କେନ୍ଦ୍ରୀୟ
ବିଦ୍ୟାଳୟ, କଳିଙ୍ଗନଗର,
ଭୁବନେଶ୍ୱର

୨



ଜଗନ୍ନାଥ ବେଜ୍
କ୍ଲାସ- ୫, ମର୍ଡନ ପବ୍ଲିକ
ସ୍କୁଲ, ବାଲେଶ୍ୱର

୩



ରୁଦ୍ରାକ୍ଷ ପଟ୍ଟନାୟକ
କ୍ଲାସ- ୫, ୟଙ୍ଗ୍ ଫୋନିକ୍ସ
ପବ୍ଲିକ ସ୍କୁଲ, ନୂଆହାଟ,
ପୁରୀ

୪



ବୈଷ୍ଣବୀ ମିଶ୍ର
କ୍ଲାସ- ୧, ସରସ୍ୱତୀ ଶିଶୁ
ମନ୍ଦିର, ମେଲଛାମୁଣ୍ଡା,
ବରଗଡ

୫



ଶାଶ୍ୱତୀ ସାମନ୍ତରାୟ
କ୍ଲାସ- ୫,
ସୋଫିଟୋରିୟମ୍ ପବ୍ଲିକ
ସ୍କୁଲ, ଜଟଣୀ, ଖୋର୍ଦ୍ଧା

୬



ସୁଚିତ୍ ପ୍ରଧାନ
କ୍ଲାସ- ୫, ବିକାଶ
ଗ୍ଲୋବାଲ ସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର

୭



ସୋନିସ୍ମିତା ମିଶ୍ର
କ୍ଲାସ- ୯,
ଆଳିସିଶାସନ,ଏ.ଟି.ବି.ଏନ୍
ହାଇସ୍କୁଲ, ଖୋର୍ଦ୍ଧା

୮



ଆକୃତି ଦାଶ
କ୍ଲାସ- ୮, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର

୯

## ଜ୍ଞାନର ଆଲୋକ

ଅଜ୍ଞାନ ଅନ୍ଧାରେ ଜ୍ଞାନାଲୋକ ଦେଇ
କରିଯେ ପାରନ୍ତି ଦୂର
ମଣିଷ ଗଢିବା ପଣ ଯାହାଙ୍କର
କରୁ ତାଙ୍କୁ ନମସ୍କାର ।
ଭାରତ ରତନ ଶ୍ରୀରାଧା କ୍ରିଷ୍ଣନ
ପୂର୍ବତନ ରାଷ୍ଟ୍ରପତି
ରଖିଗଲେ ଟେକ ପାଉଛନ୍ତି ପୂଜା
ଆଜି ଯେ ଶିକ୍ଷକ ଜାତି ।
ଜନ୍ମ ଦିବସ ଯେ ସେପ୍ଟେମ୍ବର ପାଞ୍ଚ
ଅଠରସ ଅଠାଅଶୀ
ଉତ୍ସର୍ଗ କରିଲ ଶିକ୍ଷକଙ୍କ ପାଇଁ
ପାଳୁଛି ଭାରତ ବାସୀ ।
ଏପୂଣ୍ୟ ଦିବସେ ପୂଜ୍ୟ ଗୁରୁକୂଳ
ପ୍ରଣତି ଜଣାଏ ମୁହିଁ
ଗୁରୁ ଓ ଶିଷ୍ୟଙ୍କ ଅତୁଟ ବନ୍ଧନ
ରହୁ ଯୁଗ ଯୁଗ ପାଇଁ ।

**–ବ୍ରଜେଶ୍ୱରୀ ସିଂହ**
*ଯାଜପୁର ରୋଡ, ଯାଜପୁର, ମୋ: ୯୪୩୮୪୭୧୪୧୧*

## ଗୁରୁଙ୍କୁ କରଇ ନମ

ଗୁରୁ ଦିବସର ଶୁଭ ଅବସରେ ଗୁରୁଙ୍କୁ କରଇ ନମ
ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର ଗୁରୁ ପିତା ମାତା ସମ ।
ତାଙ୍କ ବିନା କେହି ଦେଖିପାରନ୍ତିନି ସତରେ ସୁଗମ ପଥ
ସେହି ଏକା ସିନା ଚଳେଇ ପାରନ୍ତି ସଂସାରରେ ଶିକ୍ଷା ରଥ ।
ଅଜ୍ଞାନ ଅନ୍ଧାର ଦୂରେଇଦିଅନ୍ତି ଜ୍ଞାନର ଦୀପାଳି ଜାଳି
ତାଙ୍କରି ଆଶିଷେ ଶିଷ୍ୟ ପାରେ ସିନା ସବୁ ଝଡ଼ ଝଞ୍ଜା ଟାଳି ।
ପାଠ ପଢ଼ା ଅବା ହେଉ ଘୋଡ଼ା ଚଢ଼ା ସବୁଥିରେ ଗୁରୁ ମୂଳ
ସୁମରିଲେ ତାଙ୍କୁ ଶତ ସିଂହ ବଳ ଦେହେ ହୋଇଥାଏ ଠୁଳ ।
ଆରୁଣି ଶିବାଜୀ ଉପମନ୍ୟୁ ଏକଲବ୍ୟ ଗୁରୁ ଭକ୍ତି ବଳେ
ସୁନାମ ଅରଜି ଚିରକାଳ ଯଶ ରଖିଗଲେ ମହୀ ତଳେ ।

**–ନିରାକାର ଚଇନି**
ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର

କ ବି ତା

## ଗୁରୁଦିବସ

କାୟ, ମନ, ବାକ୍ୟେ ଗୁରୁ ପାଦେ
ଧ୍ୟାୟି
କର୍ମ କରି ଯାଏ ଯିଏ,
ଧନ, ଜନ, ଗୋପ, ଲକ୍ଷ୍ମୀ ପ୍ରାପ୍ତ ହେଇ
ଚତୁବର୍ଗ ଫଳ ପାଏ ।
ଗୁରୁ ସୁଖଦାତା ଗୁରୁ ମୁକ୍ତିଦାତା
ଧନ, ଜ୍ଞାନ, ମାନ ଦେଇ,
ଗୁରୁ ବୁଝିଥାନ୍ତି ଶିଷ୍ୟ ମନକଥା
ଶିଷ୍ୟ ପାଇଁ ପ୍ରାଣ ଦେଇ ।
ଗୁରୁ ଓ ଗୋବିନ୍ଦ ଏକାଠି ଭେଟିଲେ
ଗୁରୁଙ୍କୁ ସେବିବ ଆଗେ,
ଗୁରୁ ପାଇଁ ସିନା ଗୋବିନ୍ଦ ଲଭିବା
ଗୁରୁ ଖୁସିଥିଲେ ଭାଗ୍ୟେ ।
ଗୁରୁ ଦିବସରେ ମନକୁ ପ୍ରକ୍ଷାଳି
ହେଇ ଯିବା ସୁସଂସ୍କାର,
ଗୁରୁଧ୍ୟାୟି ନିଜେ ଅନ୍ୟ ହେଇ ଯିବା
ଆଶ୍ରୟୀ ଗୁରୁ ପୟରେ ।

**–ଶିବ ପ୍ରସାଦ ରାଉତ**
ବଚ୍ଛଦା, ଜଗନ୍ନାଥପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫



## ଗୁରୁ ଯେ ପରମେଶ୍ୱର

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ପଦେ ପ୍ରଣିପାତ
ଗୁରୁ ଯେ ପରମେଶ୍ୱର ।
ଗୁରୁ ବିନା ନାହିଁ ଜ୍ଞାନ
ଘୋଟେ ଅଜ୍ଞାନ ତିମିର
ଗୁରୁଙ୍କ ଆଶିଷେ ଝରେ
ଜ୍ଞାନର ଆଲୋକ ଧାର ।
ଆଶିଷେ ଯାହାର ମିଳେ
ସୁଜ୍ଞାନ ସୁବିଚାର
ସେହି ଶ୍ରୀଗୁରୁଙ୍କ ପଦେ
ସଦା କୋଟି ଜୁହାର ।

**–ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି,
ଭୁବନେଶ୍ୱର

## ଦିବ୍ୟ ଆଲୋକର ଶିଖା

ଗୁରୁ ଏକ ଅବର୍ଣ୍ଣନୀୟ ଆନନ୍ଦର ସିନ୍ଧୁ
ଚୀର ବନ୍ଦନୀୟ ଆଲୋକର ଦିଶା
ସତେ ଅବା ଓଁକାର ଧ୍ୱନିରୁ ଯାତ
ଉଦିତ ସୂର୍ଯ୍ୟର ପ୍ରଥମ କିରଣ ପରି ।
ବିଶ୍ୱାସରୁ ଆରମ୍ଭ, ହରିପାରେ ବ୍ୟଥା
କରାଳ ସ୍ରୋତରେ ହଜେ ନାହିଁ କେବେ
ଟିକେ ଶ୍ରଦ୍ଧା କିଛି ଅଭିମାନେ
ବନ୍ଧା ଏକ ଅତୁଟ ବନ୍ଧନ ।
କଞ୍ଚାମାଟି ପିଣ୍ଡୁଳାକୁ ସଯତ୍ନରେ ହାତଧରି
ସ୍ନିଗ୍ଧ ବକ୍ଷେ ଗଢିଥାଏ ପୂର୍ଣ୍ଣାଙ୍ଗ ମଣିଷ
ଲୁକାୟିତ ଜ୍ଞାନର ଦିବ୍ୟାଲୋକ ବର୍ତ୍ତିକା
ଶ୍ରଦ୍ଧା କରେ ତାର ମୂଲ୍ୟାୟନ ।

**–ପ୍ରଣତି ଆଚାର୍ଯ୍ୟ ମିଶ୍ର,** ନୟାଗଡ଼
ମୋ: ୯୪୩୭୬୪୨୯୪୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## କୁନି ଜିନିଅସ୍

୬ ବର୍ଷରେ କଣ୍ଠସ୍ଥ କରିଛନ୍ତି ୧୯୫ ଦେଶର ବିବରିଣୀ । ରାଜଧାନୀ ଠାରୁ ଆରମ୍ଭ କରି ସେହି ଦେଶର ମୁଦ୍ରା,ଭାଷା, କେଉଁ ମହାଦେଶରେ ଅବସ୍ଥିତ, ଦର୍ଶନୀୟ ସ୍ଥାନ, ଲ୍ୟାଣ୍ଡମାର୍କ ଏବଂ ମହାଦ୍ୱୀପ ଇତ୍ୟାଦି ମନେ ରଖିଛନ୍ତି । ଏହି କୁନି ପ୍ରତିଭା ହେଉଛନ୍ତି ମଧ୍ୟପ୍ରଦେଶ ଇନ୍ଦୋରର ଜିଆନା ସାହା । ସେ ପ୍ରଥମ ଶ୍ରେଣୀରେ ପଢନ୍ତି । କମ୍ ବୟସରେ ୯ମିନିଟ୍ ୩୧ସେକେଣ୍ଡରେ ୧୯୫ ଦେଶର ସବୁ ବିବରିଣୀ ଆବୃତ୍ତି କରିପାରୁଛନ୍ତି । ଦେଶର ସର୍ବକନିଷ୍ଠ ଜିଆନା ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ତାଙ୍କ ପିତାମାତା କୁହନ୍ତି, ଜିଆନା ଏଥିପାଇଁ ଦୁଇବର୍ଷ ହେଲା ନିଜକୁ ପ୍ରସ୍ତୁତି କରିଛି । ପ୍ରତିଦିନ ସେ ଦୁଇରୁ ତିନିଘଣ୍ଟା ଅଭ୍ୟାସ କରିଥାଏ । ଜିଆନାଙ୍କର ସ୍ମରଣଶକ୍ତି ପ୍ରଖର । ତେଣୁ ସେ ସବୁକିଛି ସହଜରେ ମନେରଖି ପାରେ ।


ଜିଆନା

## ଏଥରର

- କାହା ଜନ୍ମଦିବସକୁ ଗୁରୁଦିବସ ଭାବେ ପାଳନ କରାଯାଏ ?
- ରାଧାକ୍ରିଷ୍ଣନ କେବେ ଭାରତର ରାଷ୍ଟ୍ରପତି ହୋଇଥିଲେ ?
- ଶ୍ରୀକୃଷ୍ଣଙ୍କ ଗୁରୁଙ୍କ ନାମ କ'ଣ ?
- ନୀଚ ଜାତିର ଝିଅମାନଙ୍କ ପାଇଁ ବିଦ୍ୟାଳୟ କରିଥିବା ଭାରତର ପ୍ରଥମ ମହିଳା ଶିକ୍ଷକ ?
- ଏଥରର ଗୁରୁଦିବସରେ କେତେଜଣ ଶିକ୍ଷକ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହେବେ ?

## ଗତଥରର ଉ ତ୍ତ ର

- ତୁଳସୀ
- ଗଣେଶ ଚର୍ତୁଥୀ
- ରିଦ୍ଧି, ସିଦ୍ଧି
- ମହାରାଷ୍ଟ୍ର
- ମହାଭାରତ



## କହିଲ ଦେଖି

ନର ରୂପରେ ସେ ଈଶ୍ୱର
ଜ୍ଞାନର ଜୀବନ୍ତ ଠାକୁର ।
ଜ୍ଞାନ ଅଞ୍ଜନ ସେ ଲଗାନ୍ତି
ଅଜ୍ଞାନ ଅନ୍ଧାର ହଟାନ୍ତି ।
ତାଙ୍କ ପଦ ଦରଶନ ପାଇଁ
ଶିଷ୍ୟ ହୁଅନ୍ତି ନର ସାଇଁ ।
ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର
ରୂପରେ ବସନ୍ତି ଶରୀର ।
କୁହରେ ପିଲେ କିଏ ସିଏ
ଯା ନାମେ ଭୟ ଭୟ ପାଏ ।



**ଉତ୍ତର– ଗୁରୁ**

ସମାଜକୁ ବାର୍ତ୍ତା ବାଣ୍ଟିବା ଆଶେ
ସେପ୍ଟେମ୍ବର ମାସ ପଞ୍ଚ ଦିବସେ ।
ଭାରତ ପାଳଇ ମହା ଦିବସ
ଗୁରୁ ଶିଷ୍ୟଙ୍କର ଗୁଢ ରହସ୍ୟ ।
ତିରୁତାନି ଜାତ ଖ୍ୟାତ ସନ୍ତାନ
ଜନ୍ମ ଦିନେ ମିଳେ ଗୁରୁ ସମ୍ମାନ ।
ଦିବସର ନାମ କହିବ ଯିଏ
ଗୁରୁଙ୍କର ପ୍ରିୟ ହୋଇବ ସିଏ ।




**ଉତ୍ତର: ଗୁରୁ ଦିବସ**

ବିଦ୍ୟାଳୟ ହେଉ ଅବା ସଂସଦ
ନିଜ ଦେଶ ହେଉ ଅବା ବିଦେଶ ।
ଜନମଭୂମିର ସେ ବରପୁତ୍ର
ଭାରତ ରତନେ ସେ ବିଭୂଷିତ ।
ଗୁରୁ ଗୁରୁ ପଦେ ଗୁରୁ ରହିଣ
ଶ୍ରେଷ୍ଠ କରିଛନ୍ତି ଗୁରୁ ଆସନ ।
ଶିକ୍ଷା ଓ ଦର୍ଶନ ବିଦେଶ ନୀତି
ତାଙ୍କ ରାଜନୀତି ନାହିଁ ଦୁର୍ନୀତି ।
ଦ୍ୱାପର ଯୁଗର ଠାକୁର ଯୋଡି
ତାଙ୍କ ନାମ ସହ ରହିଛି ଯୋଡ଼ି ।
ତାଙ୍କ ନାମଟିକୁ ଯିଏ କହିବ
ମିଠେଇ ଦୁଇଟି ସିଏ ଖାଇବ ।



**ଉତ୍ତର– ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ**

**–ଟଙ୍କଧର ଶତପଥୀ,** ସୁନ୍ଦରପାଳ, ଅନୁଗୋଳ, ମୋ: ୯୯୩୮୨୬୪୪୭୬



### ହରିଣର ଘ୍ରାଣ ଶକ୍ତି

ହରିଣର ଘ୍ରାଣ ଶକ୍ତି ଏବଂ ଶ୍ରବଣ ଶକ୍ତି ଖୁବ୍ ପ୍ରଖର। ଏମାନଙ୍କର ଆଖି ତାଙ୍କ ମୁଣ୍ଡ ପାର୍ଶ୍ୱରେ ଥାଏ। ହରିଣଙ୍କର ଗ୍ରୁପ୍‌କୁ 'ହର୍ଡ' ବୋଲି କୁହାଯାଏ।



### କିପରି ସ୍ୱାଦ ବାରିଥାଏ ମହୁମାଛି

ମହୁମାଛି ତା'ର ଜିଭ ଓ ପାଟି ସାହାଯ୍ୟରେ କୌଣସି ଜିନିଷର ସ୍ୱାଦ ବାରିପାରେ। ଏହା ବ୍ୟତୀତ ସାମ୍ନା ଦୁଇ ଗୋଡ଼ ଦ୍ୱାରା ସେ ସ୍ୱାଦ ଜାଣିପାରେ। ମହୁରେ ୮୦ଭାଗ ସୁଗାର ରହୁଥିବା ବେଳେ ୨୦ ପ୍ରତିଶତ ପାଣି ରହିଥାଏ।



### କୁମ୍ଭୀରର ଦାନ୍ତ

କୁମ୍ଭୀରର ଦାନ୍ତ ଅତି ତୀକ୍ଷ୍ଣ। ସେ ବିନା ଖାଦ୍ୟରେ ମଧ୍ୟ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିପାରେ। ଏମାନଙ୍କର କେତେକ ପ୍ରଜାତି ଅଛନ୍ତି, ଯେଉଁମାନେ କି ମଧୁର ପାଣିରେ ରହୁଥିବା ବେଳେ ଆଉ କେତେକ ଲୁଣି ପାଣିରେ ରହିବାକୁ ପସନ୍ଦ କରନ୍ତି।



### ଠେକୁଆର ଦାନ୍ତ

ଠେକୁଆର ଦାନ୍ତ ସବୁବେଳେ ବଢ଼େ। କେତେବେଳେ ବଢ଼ିବା ବନ୍ଦ ହୁଏନି। ଅଣ୍ଡିରା ଠେକୁଆକୁ ଡୋ' ବକ୍, ମାଈ ଠେକୁଆକୁ ଡୋ' କୁହାଯାଉଥିବା ବେଳେ କୁନି ଠେକୁଆକୁ କିଟ୍ କୁହାଯାଏ।



### କ୍ଷିପ୍ର ବେଗରେ ପହଁରନ୍ତି ଡଲଫିନ୍

ଡଲଫିନ୍ ପାଣିରେ ବହୁତ କ୍ଷିପ୍ର ବେଗରେ ପହଁରିପାରନ୍ତି। ଏହି ପ୍ରାଣୀ ବିଶ୍ୱର ସବୁ ସ୍ଥାନରେ ଦେଖାଯା'ନ୍ତି। ଏମାନେ ପାଣି ଭିତରେ ହେଉଥିବା ଶବ୍ଦ ପ୍ରଦୂଷଣକୁ ସହ୍ୟ କରିପାରନ୍ତି ନାହିଁ। ଏମାନଙ୍କୁ ପାଣିରେ ଫୋଟକା କରିବାକୁ ବହୁତ ପସନ୍ଦ।

ଆସ ଜାଣିବା

# ଗୁରୁ ଦିବସ

- ପୃଥିବୀରେ ଭିନ୍ନ-ଭିନ୍ନ ଦେଶରେ ଭିନ୍ନ-ଭିନ୍ନ ଦିନରେ ଗୁରୁଦିବସ ପାଳନ କରାଯାଏ।
- ଚାଇନାରେ ବହୁତ ଥର ଗୁରୁଦିବସର ତାରିଖରେ ପରିବର୍ତ୍ତନ କରା ଯାଇଥିଲା । ଆଉ ଶେଷରେ ୧୯୮୫ ମସିହାରେ ସେପ୍ଟେମ୍ବର ୧୦ ତାରିଖକୁ ଗୁରୁଦିବସ ଘୋଷଣା କରାଯାଇଥିଲା।
- ରୁଷିଆରେ ୧୯୯୪ ମସିହାରେ ଅକ୍ଟୋବର ୫ ତାରିଖକୁ ଅନ୍ତଃରାଷ୍ଟ୍ରୀୟ ଗୁରୁଦିବସରୂପେ ଘୋଷଣା କରାଯାଇଥିଲା।
- ତୁର୍କୀରେ ନଭେମ୍ବର ୨୪ ତାରିଖରେ ଗୁରୁଦିବସ ପାଳନ କରାଯାଏ।
- ମାଲେସିଆରେ ମେ ୧୬ ତାରିଖରେ ଗୁରୁଦିବସ ପାଳିତ ହୁଏ । ସେଠାରେ ଏହି ଦିନକୁ ହରିଗୁରୁ କହନ୍ତି।
- ଆମେରିକାରେ ମେ' ମାସ ପ୍ରଥମ ସପ୍ତାହର ମଙ୍ଗଳବାର ଦିନଟିକୁ ଗୁରୁଦିବସ ଭାବେ ପାଳନ କରାଯାଏ।
- ଥାଇଲାଣ୍ଡରେ ଜାନୁୟାରୀ ୧୮ ତାରିଖରେ ଗୁରୁଦିବସ ପାଳନ କରାଯାଏ। ଏଠାରେ ୧୯୫୭ରେ ପ୍ରଥମେ ଗୁରୁଦିବସ ପାଳନ କରା ଯାଇଥିଲା। ଏହି ଦିନ ସ୍କୁଲ୍ ସବୁ ବନ୍ଦ ଥାଏ।
- ଆମ ଦେଶରେ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସଭାବେ ପାଳନ କରାଯାଉଛି।

# ଆ ଇ ନା



ଦିବିଶା ଅଗ୍ରୱାଲ
୬ ବର୍ଷ / ଛତିଶଗଡ଼

ଲାଭ୍ୟା ଦତ୍ତା ପାତ୍ର
୧୦ ବର୍ଷ / ଭୁବନେଶ୍ୱର

